# Akashvani, Sambalpur

## SAMBALPURI NEWS BULLETIN

### 31 December 2024- 6.47- 6.52 am.

*********************************************

ବିମାନ୍ ସେବା        ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବା ନୂଆବରସ୍‌ନୁ ଭୁବ୍‌ନେଶ୍ୱର୍ ଆର୍ ଝାର୍‌ସୁଗୁଡ଼ାନୁ ଦେଶର୍ ୯ ଟା ସହର୍‌କେ ସିଧାସଲଖ୍ ବିମାନ୍ ସେବା ମୁଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସୂଚ୍‌ନା ଦେଇଛନ୍ । ଜାନୁଆରୀ ୧ ତାରିଖ୍‌ନୁ ଝାର୍‌ସୁଗୁଡ଼ାନୁ ହାଇଦ୍ରାବାଦ୍, ରାୟପୁର୍, ଲକ୍ଷ୍ନୌ ଆର୍ ମୁମ୍ବାଇକେ ବିମାନ୍ ଚାଲ୍‌ବା । ସେନ୍ତା ଜାନୁଆରୀ ୩ ନୁ ଭୁବ୍‌ନେଶ୍ୱର୍‌ନୁ ଇନ୍ଦୋର୍, ଡେରାଡୁନ୍, କୋଚି, ଜୟପୁର୍, ଲକ୍ଷ୍ନୌକେ ସିଧାସଲଖ୍ ବିମାନ୍ ସେବା ମୁଲ୍ ହେବା । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇକରି କହିଛନ୍ ଯେ, ରାଜ୍ୟର୍ ଅର୍ଥନୈତିକ୍ ବିକାଶ୍ କ୍ଷେତ୍ରଥି ଇଟା ମାଇଲଖୁଂଟ ହେବା ।

ଇନ ଜନେଇ ଦିଆଯାଇପାରେ ଯେ, ରାଏଜ୍ରୁ ପହେଲାଥର୍ ଲାଗି ଡେରାଡୁନ୍ ଆର୍ ଇନ୍ଦୋର୍‌କେ ସିଧାସଲଖ୍ ବିମାନ୍ ସେବା ମୁଲ୍

ହେବା । ହେଲେ ଇ ୯ ଟା ଯାକ ରୁଟ୍‌ଥି ଯେନ୍ତା ନିୟମିତ୍ ଭାବେ ବିମାନ୍ ଚଲାଚଲ୍ କରିପାର୍‌ବା ସେଥିର୍‌ଲାଗି ରାଜ୍ୟ ସର୍‌କାର୍ ସବ୍‌ସିଡ଼ି ଦେବେ ବଲି ଘୋଷ୍‌ନା କରିଛନ୍ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି       I&PR

ଭୁବ୍‌ନେଶ୍ୱର୍ ଜନଶୁଣାଣି ପ୍ରକୋଷ୍ଠଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ବର୍ଷର୍ ଶେଷ୍ ଅଭିଯୋଗ୍ ଶୁଣାଣି କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ୭ ନମ୍ବର୍ ଜନଶୁଣାଣି କାର୍ଯ୍ୟକ୍ରମ୍‌ଥି ହଜାରେଟା ଅଭିଯୋଗ୍ ଶୁନିକରି ତାର୍ ସମାଧାନ୍ ଲାଗି ପଦକ୍ଷେପ୍ ନେବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଥିଲେ । ଅଭିଯୋଗ୍ ପ୍ରକୋଷ୍ଠକେ ପୁହୁଁଚିବାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ବାଟେ ବସିଥିବା ୪୦ ଝନ୍ ଦିବ୍ୟାଙ୍ଗମାନ୍‌କୁ ଭେଟିକରି ସେମାନ୍‌କର୍ ସମସ୍ୟା ବୁଝିଥିଲେ । ସେଭିତ୍‌ରେ ବୌଦ୍ଧର ହେରମ୍ବଗିରି ତାଙ୍କର୍ ୭ ବର୍ଷର୍ ପୁଓକେ ଧରିକରି ଆସିଥିଲେ । ଅଜଣା ରୋଗଥି ଛୁଆର୍ ଦୁହି ଆଏଁଖ୍ ଖରାପ୍ ହେଇଯାଇଥିବାର୍ ଦେଖିକରି ମୁଖ୍ୟମନ୍ତ୍ରୀ ସାଙ୍ଗେସାଙ୍ଗ୍ ଆମ୍ବୁଲାନ୍ସ ଡକେଇକରି ଡାକ୍ତର୍‌ଖାନାକେ ପଠେଇଥିଲେ । ଛୁଆର୍ ସବୁ ଖର୍ଚ୍ଚା ରାଜ୍ୟ ସର୍‌କାର୍ ଦେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

କୃଷକ୍ ରେଜିଷ୍ଟ୍ରି ପ୍ରକ୍ରିୟା I&PR

ରାଜ୍ୟ ସର୍କାର୍ଙ୍କର୍ ଡିଜିଟାଲ୍ କୃଷି ଅଧୀନ୍ଥି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ପଂଚାୟତ୍ସ୍ତରୀୟ କେମ୍ପ୍ ମାନ୍କର୍ ଜରିଏ ଆଏବା କାଏଲ୍ନୁ ମୁଲ୍ ହେବା । ପ୍ରକ୍ରିୟା ମାର୍ଚ୍ଚ ୩୧ ତାରିଖ୍ତକ୍ ଚାଲ୍ବା । ଚାଷୀମାନେ ପଞ୍ଜିକୃତ ହେବାର୍କେ ଗ୍ରାମ୍ ପଂଚାୟତ୍ କେମ୍ପ୍, ପାଖର୍ ଜନସେବା କେନ୍ଦ୍ର ଆର୍ କୃଷକ୍ ରେଜିଷ୍ଟ୍ରି ପୋର୍ଟାଲ୍ odfr.agristack.gov.in ଥି ଲଗ୍ଇନ୍ କରିପାର୍ବେ । ଇ ବାବ୍ଦେ ଅଏତ୍କା ସୂଚ୍ନା ଲାଗି ଚାଷୀମାନେ ହେଲ୍ପଲାଇନ୍ ନମ୍ବର୍ ୧୫୫-୩୩୩ ଥି ଯୋଗାଯୋଗ୍ କରିପାର୍ବେ ବଲି ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଖରିଫ୍ ମାଣ୍ଡିଆ ସଂଗ୍ରହ I&PR

ରାଜ୍ୟ ସର୍କାର୍ ଇ ବଛର୍ ଖରିଫ୍ ମଡ଼ିଆ ଘିନ୍ବାର୍ ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ସମିଆକେ ମାସେ ବଢ଼େଇଛନ୍ । ପଞ୍ଜିକରଣ୍ ସମିଆ ଆଘୋନୁ ଡିସେମ୍ବର୍ ୩୧ ତାରିଖ୍ ୨୦୨୪ ତକ୍ ଥିଲା ବେଲ୍କେ ଇହାଦେ ତାକେ ଜାନୁଆରୀ ୩୧- ୨୦୨୫

କରାଯାଇଛେ । ଇ ସମିଆ ଭିତ୍‌ରେ ମଡ଼ିଆ ବିକ୍‌ବାର୍ ଲାଗି କୃଷକ ଓଡ଼ିଶା ତାଲିକାଥି ଥିବା ଚାଷୀମାନେ ନିଜର୍ ଆଖର୍ ପାଖର୍ ଦାୟିତ୍ୱ ପାଇଥିବା କୃଷକ୍ ସଂଗଠନ୍, ପେକ୍ସ, ଲେମ୍ପସ, ମହିଲା ଏସ୍‌ଏଚ୍‌ଜି ଜରିଏ ପଞ୍ଜିକୃତ ହେଇପାର୍‌ବେ । ୨୦୨୫ ଜାନୁଆରୀ ୧ ତାରିଖିନୁ ଖରିଫ୍ ମଡ଼ିଆ ଘିନା ମୁଲ୍ ହେବା ଆର୍ ମାର୍ଚ୍ଚ ୩୧ ତାରିଖ୍‌ତକ୍ ଇ ପ୍ରକ୍ରିୟା ଚାଲ୍‌ବା ।

ଇସ୍ରୋ ଉପଗ୍ରହ ଉତ୍‌କ୍ଷେପଣ ଏନ୍‌ଏସ୍‌ଡି

ଭାରତୀୟ ମହାକାଶ ଗବେଷଣା ସଙ୍ଗଠନ-ଇସ୍ରୋ ଗଲା ରାତି ମହାକାଶ୍‌କେ ଦୁଇଟା ଉପଗ୍ରହ ଉତ୍‌କ୍ଷେପଣ କରିଛେ । ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାଠାନେ ଥିବା ଇସ୍ରୋର ସତୀଶ୍ ଧୱନ୍ ସ୍ପେଶ୍ ସେଂଟର୍‌ନୁ ପିଏସ୍‌ଏଲ୍‌ଭି ସି-୬୦ ମହାକାଶ ଯାନ୍ ଦୁଇଟା ଉପଗ୍ରହ ଏସ୍‌ଡିଏକ୍ସ-୦୧ ଆର୍ ଏସ୍‌ଡିଏକ୍ସ-୦୨କେ ଧରିକରି ମହକାଶ ଯାତ୍ରା କରିଥିଲା । ୨ ଶହ ୨୦ କେଜି ଲେଖା ଉଜନ୍‌ର ଦୁଇଟା ଉପଗ୍ରହର୍ ସହେତେ ୨୪ଟା ପରୀକ୍ଷଣ୍ ସାମଗ୍ରୀ ନେଇକରି ଭିଲ୍ ପିଏସ୍‌ଏଲ୍‌ଭି ଯାତ୍ରା କରିଛେ । ଇସ୍ରୋର୍ ଇ ଅଭିଯାନ୍ ମହାକାଶ୍ ଯାଉଥିବା ମହାକାଶ ଯାନ୍‌ର ପାର୍କିଂ ଆର୍ ସେନୁ ଫିର୍‌ବାରଥି ସାହାଜ୍ କର୍‌ବା । ଇ ଦୁହି ଉପଗ୍ରହ ଆଏବା

୧୦ ଦିନ୍‌ତକ୍ ମହାକାଶ୍ ନ ସ୍ପେଶ୍ ଡକିଙ୍ଗ୍ ଉପ୍‌ରେ କାମ୍ କର୍‌ବେ ବଲି ଇସ୍ରୋ ତର୍‌ଫୁ କୁହାଯାଇଛେ ।

ଶ୍ରୀମନ୍ଦିର୍ ନୂଆବର୍ଷ ପ୍ରସ୍ତୁତି I&PR

ନୂଆବଛର୍ ଲାଗି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ କଟ୍‌କନା ଲାଗୁ ହେବା । ଶ୍ରଦ୍ଧାଲୁମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ବ୍ୟାପକ୍ ପ୍ରସ୍ତୁତି କରାଯାଇଛେ । ଡିସେମ୍ବର୍ ୩୧ ଆର୍ ଜାନୁଆରୀ ୧ ତାରିଖ୍ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ଭକ୍ତମାନେ ଖାଲି ସିଂହଦୁଆର ଦେଇକରି ଯିବେ ଆଉ ବାକି ତିନ୍‌ହିଟା ଦୁଆର୍ ଦେଇକରି ବାହାରିପାର୍‌ବେ । ଜିଲ୍ଲା ପୁଲିସ୍ ତର୍‌ଫୁ ଭିଡ଼୍‌କେ ନଜର୍‌ଥି ରଖିକରି ୯୦ ଝନ୍ ପୁଲିସ୍ ଅଧିକାରୀ ଆର୍ ୬୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ କରାଯାଇଛେ ।

ସମଲେଇ ମନ୍ଦିର- ନୂଆବରସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ନୁଆବର୍ଷକେ ନଜର୍‌ଥି ରଖିକରି ମା ସମଲେଶ୍ୱରୀଙ୍କର୍ ଦର୍ଶନ୍ ଲାଗି ମନ୍ଦିର୍ ଟ୍ରଷ୍ଟବୋର୍ଡ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ ।

ଶ୍ରଦ୍ଧାଳୁ ମାନ୍‌କର୍ ଭିଡ଼୍‌କେ ନଜର୍‌ଥି ରଖିକରି ସବୁ ପ୍ରକାର୍ ବ୍ୟବସ୍ଥା କରାଯାଇଛେ ବଲି ଟ୍ରଷ୍ଟବୋର୍ଡ଼ ସଭାପତି ସୂଚ୍‌ନା ଦେଇଛନ୍ । ଆଏବା କାଏଲ୍ ସଖାଲର୍ ୬ ବଜେନୁ ମନ୍ଦିର୍ ଦର୍ଶନ୍ ମୁଲ୍ ହେବା । ଦିନର୍ ୧୧ ବାଜିକରି ୪୫ ମିନିଟ୍‌ନୁ ସାଢ଼େ ୧୨ ବଜେତକ୍ ଅନ୍ନଭୋଗ୍ ଲାଗି ଆର୍ ବେଲ୍‌ବୁଡ଼ର୍ ୭ ବାଜିକରି ୪୫ ମିନିଟ୍‌ନୁ ରାତି ସାଢ଼େ ୮ ବଜେତକ୍ ସନ୍ଧ୍ୟା ଆଲ୍‌ତୀ ଲାଗି ମାଙ୍କର୍ ଦର୍ଶନ୍ ବନ୍ଦ୍ ରହେବା । ସେନ୍ତା ଆଏବାକାଏଲ୍‌ଠାନୁ ମହାନଦୀ ଆଲ୍‌ତୀ ଘାଟ୍ ନ ଆଲ୍‌ତୀ ଫେର୍‌ଘାଏ ମୁଲ୍ ହେବା ବଲି ଟ୍ରଷ୍ଟବୋର୍ଡ଼ ତର୍‌ଫୁ ସୂଚ୍‌ନା ମିଲିଛେ ।

ସମ୍ବଲ୍‌ପୁର୍-ଅତ୍ୟାଧୁନିକ୍ ଟ୍ରାଫିକ୍ ବ୍ୟବସ୍ଥା ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲ୍‌ପୁର୍ ସହରେ ଅତ୍ୟାଧୁନିକ୍ ଟ୍ରାଫିକ୍ ବ୍ୟବସ୍ଥା ଲାଗୁ କର୍‌ବାର୍‌କେ ଯାଉଛେ ସମ୍ବଲପୁର ମହାନଗର୍ ନିଗମ୍ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ମହାନଗର୍ ନିଗମ୍ ଆୟୁକ୍ତ ବେଦଭୂଷଣ୍ କହିଛନ୍, ପୁର୍‌ନା ଢାଂଚାଥି ଚାଲିଥିବା ଟ୍ରାଫିକ୍ ନିୟନ୍ତ୍ରଣ୍ ବ୍ୟବସ୍ଥାକେ ବଦ୍‌ଲାଯିବା ।

ହକି ଇଣ୍ଡିଆ ଲିଗ୍ ଆର୍ଏନ୍ୟୁ / ସମ୍ବଲପୁର

ରାଉର୍କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ର ଆଏଜ୍ ୪ ନମ୍ବର୍ ଦିନେ ଦିଲ୍ଲୀ ଏସ୍ଜି ପାଇପର୍ସ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଦଲ୍ ଭିତ୍ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍ଥି ଖେଲ୍ ମୁଲ୍ ହେବା ।

ଗଲାକାଏଲ୍ ହେଇଥିବା ମେଚ୍ଥି ୟୁପି ରୁଦ୍ରାସ୍ - ବେଦାନ୍ତ କଳିଙ୍ଗ ଲେନସର୍ସକେ ୩-୧ ଗୋଲ୍ଥି ହରେଇଥିଲା ।